# Visit of the Prime Minister of Nepal to India (April 01-03, 2022)

March 28, 2022

## ନେପାଳର ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ (01-03 ଏପ୍ରିଲ 2022)

**ମାର୍ଚ୍ଚ 28, 2022**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆମନ୍ତ୍ରଣ କ୍ରମେ ନେପାଳର ପ୍ରଧାନମନ୍ତ୍ରୀ ମାନ୍ୟବର ଶେର୍ ବାହାଦୂର ଦେଉବା ତାଙ୍କ ପତି ଡକ୍ଟର ଅର୍ଜୁ ଦେଉବାଙ୍କ ସହ 01-03 ଏପ୍ରିଲ 2022 ଭାରତ ଗସ୍ତ କରିବେ।

ଜୁଲାଇ 2021 ରେ ନେପାଳର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ଦ୍ୱିପାକ୍ଷିକ ଗସ୍ତ ହେବ। ପ୍ରଧାନମନ୍ତ୍ରୀଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧୀ ଦଳ ମଧ୍ୟ ଆସିବ।

02 ଏପ୍ରିଲରେ ନେପାଳର ପ୍ରଧାନମନ୍ତ୍ରୀ ଉପରାଷ୍ଟ୍ରପତିଙ୍କୁ ଭେଟିବେ ଏବଂ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ନେପାଳର ପ୍ରଧାନମନ୍ତ୍ରୀଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଭେଟିବେ। ନୂଆଦିଲ୍ଲୀରେ ସରକାରୀ କାର୍ଯ୍ୟକ୍ରମ ବ୍ୟତୀତ ନେପାଳର ପ୍ରଧାନମନ୍ତ୍ରୀ ଉତ୍ତର ପ୍ରଦେଶର ବାରାଣାସୀ ଗସ୍ତ ମଧ୍ୟ କରିବେ।

ଭାରତ ଏବଂ ନେପାଳ ମଧ୍ୟରେ ବହୁ ବର୍ଷର ବନ୍ଧୁତା ଓ ସହଯୋଗର ବିଶେଷ ସମ୍ପର୍କ ରହିଆସିଛି। ଗତ କିଛି ବର୍ଷରେ ସହଯୋଗର ସମସ୍ତ କ୍ଷେତ୍ରରେ ସହଭାଗୀତାର ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ନେପାଳର ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ଦୁଇ ପକ୍ଷକୁ ଏହି ବିସ୍ତୃତ ସହଯୋଗୀ ଭାଗିଦାରୀକୁ ସମୀକ୍ଷା କରିବା ଏବଂ ଦୁଇ ଦେଶର ହିତ ପାଇଁ ଏହାକୁ ଆଗକୁ ନେବାକୁ ଏକ ସୁଯୋଗ ପ୍ରଦାନ କରିବ।

**ନୂଆଦିଲ୍ଲୀ**

**ମାର୍ଚ୍ଚ 28, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.